# NATIONAL NEWS BULLETIN (ODIA)

## 20 August - 2025

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଦେଶର ପ୍ରଗତି ଦିଗରେ ଏନ୍.ଡି.ଏ.ର ଉପରାଷ୍ଟ୍ରପତି ପ୍ରାର୍ଥୀ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇ ପାରିବେ ବୋଲି ଆଶାବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ।
- ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ସଂସଦରେ ଅନୁମୋଦିତ ।

– ଲୋକସଭାରେ ତିନୋଟି ବିଲ୍ ଆଗତ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଜି.ଏସ୍.ଟି. କ୍ଷେତ୍ରରେ ଆଗାମୀ ଦିନରେ ନିଆଯିବାକୁ ଥିବା ସଂସ୍କାର ମୂଳକ ପଦକ୍ଷେପ' ଆତ୍ମନିର୍ଭର ଭାରତ ଦିଗରେ ଦେଶର ଯାତ୍ରାକୁ ସୁଗମ କରିବ, କହିଲେ ଅର୍ଥମନ୍ତ୍ରୀ ।
- ଛତିଶଗଡ଼ରେ ଆଜି ୧୦ ମହିଳାଙ୍କ ସମେତ ୨୯ ଜଣ ମାଓବାଦୀ କଲେ ଆତ୍ମସମର୍ପଣ ।

ଏବଂ

- ଆଫ୍‌ଗାନିସ୍ତାନ୍‌ର ରୋହାତ ପ୍ରଦେଶରେ ହୋଇଥିବା ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୭୯କୁ ବୃଦ୍ଧି ।

## ପିଏମ୍‌-ସିପି ରାଧାକ୍ରିଷ୍ଣନ୍‌

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌.ଡି.ଏ.ର ଉପ-ରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍‌ ଜଣେ ଦାୟିତ୍ୱ ସମ୍ପନ୍ନ ଉପରାଷ୍ଟ୍ରପତି ହୋଇପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶାବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଆଜି ଶ୍ରୀ ରାଧାକ୍ରିଷ୍ଣନ୍‌ ନିଜର ମନୋନୟନପତ୍ର ଦାଖଲ କରିବା ସମୟରେ ତାଙ୍କ ସହିତ ଏନ୍‌.ଡି.ଏ.ର ବରିଷ୍ଠ ନେତୃବୃନ୍ଦ, କେନ୍ଦ୍ର ମନ୍ତ୍ରୀ ପରିଷଦର ସଦସ୍ୟମାନେ ଏବଂ ସେ ନିଜେ ଉପସ୍ଥିତ ରହିଥିଲେ । ଜାତୀୟ ପ୍ରଗତି ଦିଗରେ ଶ୍ରୀ ରାଧାକ୍ରିଷ୍ଣନ୍‌ ଉପରାଷ୍ଟ୍ରପତି ରୂପେ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବେ ବୋଲି ଏନ୍‌.ଡି.ଏ. ପରିବାର ଆଶାବାଦୀ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଶାହା-ଏଲ୍‌ଏସ୍‌

ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ବିରୋଧ କରି ସଂସଦରେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ କରାଯାଇଥିବା ପ୍ରବଳ ହଟ୍ଟଗୋଳ ଯୋଗୁଁ ଉଭୟ ଗୃହର କାର୍ଯ୍ୟ ଆଜି ବାଧାପ୍ରାପ୍ତ ହୋଇଛି । ଆଜି ରାଜ୍ୟସଭାକୁ ପର୍ଯ୍ୟାୟ କ୍ରମେ ଦୁଇଥର ଏବଂ ଲୋକସଭାକୁ ଚାରିଥର ମୁଲତବୀ ରଖାଯାଇଥିଲା । ଶେଷରେ ଅପରାହ୍ଣ ୫ଟାରେ ଲୋକସଭାରେ ଅନ୍‌ଲାଇନ୍‌ ଗେମିଂ ବିଲ୍‌ ୨୦୨୫ ବାଚନିକ ଭୋଟ୍‌ରେ ପାରିତ ହେବା

ପରେ ଗୃହ କାର୍ଯ୍ୟ ଚଳାଇବା ସମ୍ଭବ ନ ହେବାରୁ ବାଚସ୍ପତି ଓମ୍ ବିର୍ଲା ଆଜି ଦିନକ ପାଇଁ ମୁଲତବୀ ରଖିଛନ୍ତି ।

ସେହିଭଳି ରାଜ୍ୟସଭାରେ ଅପରାହ୍ଣ ୨ଟା ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଆଇ.ଆଇ.ଏମ୍. ସଂଶୋଧନ ବିଲ୍ ୨୦୨୫ ପାରିତ ହୋଇଥିଲା । ମାତ୍ର ଉକ୍ତ ସଦନରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ଚଳାଇବା ସମ୍ଭବପର ନ ହେବାରୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି ।

ତେବେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଲୋକସଭାରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଛନ୍ତି । ସେଗୁଡ଼ିକ ହେଲା – ସମ୍ବିଧାନ ୧୩୦ ସଂଶୋଧନ ବିଲ୍ ୨୦୨୫, କେନ୍ଦ୍ର ଶାସିତ ଅଞ୍ଚଳ ସରକାର ସଂଶୋଧନ ବିଲ୍ ୨୦୨୫ ଏବଂ ଜାମ୍ମୁ କାଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ୨୦୨୫ ।

**V/O-3AMIT-SHAH--FF**

କଂଗ୍ରେସ, ସମାଜବାଦୀ ପାର୍ଟି ଓ ଏ.ଆଇ.ଏମ୍.ଆଇ.ଏମ୍. ସମେତ ବିରୋଧୀ ଦଳ ଗୁଡ଼ିକ ଏହି ତିନୋଟି ବିଲ୍‌କୁ ଅସାମ୍ବିଧାନିକ ଏବଂ ସଂଘୀୟ ବ୍ୟବସ୍ଥା ବିରୋଧୀ ବୋଲି କହିବା ସହିତ ଏହାକୁ ବିରୋଧ କରିଥିଲେ ।

# ଆର୍‌ଏସ୍‌-ଆଇଆଇଏମ୍ ବିଲ୍

ଆଇ.ଆଇ.ଏମ୍. ସଂଶୋଧନ ବିଲ୍ ୨୦୨୫ ସଂସଦରେ ଗୃହିତ ହୋଇଛି । ପୂର୍ବରୁ ଏହି ବିଲ୍ ଲୋକସଭାରେ ଗୃହିତ ହେବା ପରେ ଆଜି ରାଜ୍ୟସଭାରେ ଏହା ପାରିତ ହୋଇଛି । ଏହି ବିଲ୍ ଉପରେ ରାଜ୍ୟସଭାରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ଏବଂ ଆଇ.ଆଇ.ଏମ୍‌ଐ ଭଳି ଆଧୁନିକ ତଥା ନୂତନ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଦିଗରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ।

**V/O-1-DHARMENDRA-PRADHAN-IIM-BILL**

ପୂର୍ବରୁ ଏହି ବିଲ୍‌କୁ ଆଗତ କରି ଶ୍ରୀ ପ୍ରଧାନ କହିଥିଲେ, ଏହାଦ୍ୱାରା ଆଇ.ଆଇ.ଏମ୍. ଅଧିନିୟମ ୨୦୧୭କୁ ସଂଶୋଧନ କରାଯାଇପାରିବ । ବର୍ତ୍ତମାନ ଦେଶରେ ୨୧ଟି ଆଇ.ଆଇ.ଏମ୍. କାର୍ଯ୍ୟକ୍ଷମ ରହିଛି । ଏତଦ୍‌ବ୍ୟତୀତ ଦେଶର ଉତ୍ତର ପୂର୍ବାଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ପରିଚିତ ଆସାମର ଗୌହାଟୀରେ ମଧ୍ୟ ଆଇ.ଆଇ.ଏମ୍. ପ୍ରତିଷ୍ଠା କରାଯାଇପାରିବ । ଉତ୍ତର ପୂର୍ବାଞ୍ଚଳର ଯୁବବର୍ଗଙ୍କ ବିକାଶ ଲାଗି ପ୍ରଧାନମନ୍ତ୍ରୀଙ୍କର ପ୍ରତିବଦ୍ଧତା ସ୍ୱରୂପ ଚଳିତ ଶିକ୍ଷା ବର୍ଷରେ ଏହି ପ୍ରତିଷ୍ଠାନ ଲାଗି ନାମଲେଖା ଆରମ୍ଭ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**V/O-2-DHARMENDRA-PRADHAN**

# ପିଏମ୍-ବିହାର-କୋଲକାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶୁକ୍ରବାର ଦିନ ବିହାରର ଓ ପଶ୍ଚିମବଙ୍ଗ ଗସ୍ତ କରି ପ୍ରାୟ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ପୂର୍ବାହ୍ନରେ ଶ୍ରୀ ମୋଦୀ ପ୍ରଥମେ ବିହାର ଗସ୍ତ କରି ୧୩ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ଅବସରରେ ଦୁଇଟି ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ଏକ ଜନସମାବେଶକୁ ସମ୍ବୋଧନ କରିବେ । ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ଗଙ୍ଗା ନଦୀ ଉପରେ ଆଣ୍ଟା ସୀମାରିଆ ସେତୁ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ବିଦ୍ୟୁତ୍ କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଶ୍ରୀ ମୋଦୀ ୬ ହଜାର ୮୮୦ କୋଟି ଟଙ୍କା ମୂଲ୍ୟର ବକ୍ସର ତାପଜ ବିଦ୍ୟୁତ୍ କେନ୍ଦ୍ରର ଲୋକାର୍ପଣ କରିବେ ।

ପରେ ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାରଙ୍କ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ବିକଶିତ ସହରାଞ୍ଚଳ ସଂଯୋଗୀକରଣ ପ୍ରତି ପ୍ରତିବଦ୍ଧତା ଅନୁଯାୟୀ କୋଲକାତା ଗସ୍ତ କରି ମେଟ୍ରୋ ରେଳ ପ୍ରକଳ୍ପର ଲୋକାର୍ପଣ କରିବେ । ପଶ୍ଚିମବଙ୍ଗରେ ସଡ଼କ ଭିତ୍ତିଭୂମିକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ ୧୨ଶହ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୭ଦଶମିକ୍ ୨ କିଲୋମିଟର ଲମ୍ବା

୬ ଲେନ୍ ବିଶିଷ୍ଟ ଏଲିଭେଟେଡ୍ କୋନା ଏକ୍ସପ୍ରେସ୍ ପଥର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ଏଫ୍‌ଏମ୍-ଜିଏସ୍‌ଟି

ଦ୍ରବ୍ୟ ଓ ସେବା କର – ଜି.ଏସ୍.ଟି. କ୍ଷେତ୍ରରେ ଆଗାମୀ ଦିନରେ ନିଆଯିବାକୁ ଥିବା ସଂସ୍କାର ମୂଳକ ପଦକ୍ଷେପ’ ଆତ୍ମନିର୍ଭର ଭାରତ ଦିଗରେ ଦେଶର ଯାତ୍ରାକୁ ସୁଗମ କରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଜି.ଏସ୍.ଟି. ପରିଷଦ ଦ୍ୱାରା ଗଠିତ ମନ୍ତ୍ରୀ ସ୍ତରୀୟ କମିଟି ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ କରାଯାଇଥିବା ଏକ ପୋଷ୍ଟରେ କୁହାଯାଇଛି, ସାଧାରଣ ନାଗରିକ, କୃଷକ, ମଧ୍ୟବିତ ପରିବାର ଏବଂ ଏମ୍.ଏସ୍.ଏମ୍.ଇ.ଗୁଡ଼ିକୁ ଟିକସ ବ୍ୟବସ୍ଥାରେ ଚାପମୁକ୍ତ କରିବା ହେଉଛି ଏହି ସବୁ ସଂସ୍କାର ମୂଳକ ପଦକ୍ଷେପର ମୂଳ ଉଦ୍ଦେଶ୍ୟ । ଏହାଦ୍ୱାରା ଟିକସ ବ୍ୟବସ୍ଥାକୁ ଅଧିକ ସରଳୀକରଣ ଓ ସ୍ୱଚ୍ଛ କରାଯାଇ ପାରିବ ବୋଲି ମନ୍ତ୍ରଣାଳୟ କହିଛି ।

## ଜୟଶଙ୍କର-ରୁଷ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ମସ୍କୋ ଠାରେ ରୁଷର ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ତଥା ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକର

ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ରୁଷ ସମ୍ପର୍କ ସମସାମୟିକ ବିଶ୍ୱ ଭୂ-ରାଜନୈତିକ ସ୍ଥିତି ଏବଂ ଭାରତର ଦୃଷ୍ଟିକୋଣ ପ୍ରସଙ୍ଗ ଗୁଡ଼ିକ ମୁଖ୍ୟତଃ ଏହି ଆଲୋଚନାରେ ସ୍ଥାନ ପାଇଥିଲା । ତିନି ଦିନିଆ ରୁଷ ଗସ୍ତରେ ଥିବା ଡକ୍ଟର ଜୟଶଙ୍କର ଭାରତ-ରୁଷ ବାଣିଜ୍ୟ, ଅର୍ଥନୀତି, ବିଜ୍ଞାନ ଓ ଜ୍ଞାନକୌଶଳ ଏବଂ ସାଂସ୍କୃତିକ ସହଯୋଗ ସମ୍ପର୍କିତ ଆନ୍ତଃ ସରକାରୀ ଆୟୋଗର ୨୬ତମ ଅଧିବେଶନରେ ସହ-ଅଧ୍ୟକ୍ଷତା କରିବେ । ଏଥିସହିତ ମସ୍କୋ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ରୁଷ ବାଣିଜ୍ୟିକ ଫୋରମ୍ ବୈଠକରେ ମଧ୍ୟ ସେ ଉଦ୍‌ବୋଧନ ଦେବେ ।

ଏହି ଗସ୍ତ ଅବସରରେ ସେ ତାଙ୍କର ରୁଷ ପ୍ରତିପକ୍ଷ ସର୍ଗେଇ ଲାଭ୍‌ରୋଭ୍‌ଙ୍କ ସହ ସାକ୍ଷାତ ଆଲୋଚନା କରି ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗ ସମେତ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମତ ଆଦାନପ୍ରଦାନ କରିବେ ।

## ଛତିଶଗଡ଼-ମାଓବାଦୀ

ଛତିଶଗଡ଼ରେ ଆଜି ୧୦ ମହିଳାଙ୍କ ସମେତ ମୋଟ୍ ୨୯ ଜଣ ମାଓବାଦୀ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ଲାଗି ପ୍ରାୟ ୫୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଦନ୍ତେୱାଡ଼ା ଜିଲ୍ଲାରେ ୨୧ ଜଣ ଏବଂ ନାରାୟଣପୁର

ଜିଲ୍ଲାରେ ୮ ଜଣ ମାଓବାଦୀ ପୁଲିସ୍ ଏବଂ କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀଙ୍କ ନିକଟରେ ଅସ୍ତ୍ର ସମର୍ପଣ କରିଛନ୍ତି । ରାଜ୍ୟ ସରକାରଙ୍କ ପୁନଃ ଥଇଥାନ୍ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ପ୍ରତ୍ୟେକ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଏତଦ୍‌ବ୍ୟତୀତ ଦକ୍ଷତା ବିକାଶ ଲାଗି ସେମାନଙ୍କୁ ସରକାରଙ୍କ ପକ୍ଷରୁ ତାଲିମ୍ ପ୍ରଦାନ କରାଯିବା ସହିତ ଚାଷ ଲାଗି ଜମି ମଧ୍ୟ ଯୋଗାଇ ଦିଆଯିବ ।

## ଆଫ୍‌ଗାନ୍-ଆକ୍ସିଡେଣ୍ଟ

ଆଫ୍‌ଗାନିସ୍ତାନର ହେରାତ୍ ପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୭୯ରେ ପହଞ୍ଚିଛି । ମିଳିଥିବା ସୂଚନା ଅନୁଯାୟୀ ଇରାନ୍‌ରୁ ହେରାତ୍ ସହରକୁ ସଂଯୋଗ କରୁଥିବା ରାଜପଥରେ ଆଫ୍‌ଗାନ୍ ଶରଣାର୍ଥୀମାନେ ଇରାନ୍‌ରୁ ଫେରୁଥିବା ଏକ ଯାତ୍ରୀବାହି ବସ୍ ସହିତ ଏକ ମିନି ଟ୍ରକ୍ ଓ ମୋଟର ସାଇକେଲ୍‌ରେ ଧକ୍କା ହେବା ଫଳରେ ବସ୍‌ରେ ନିଆଁ ଲାଗିଯିବାରୁ ଏଭଳି ଅଘଟଣ ଘଟିଛି । ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ମଧ୍ୟ ରହିଛନ୍ତି ବୋଲି ଜଣାପଡ଼ିଛି । ତେବେ ଅଗ୍ନିକାଣ୍ଡ ଯୋଗୁଁ ଅନେକଙ୍କ ଶରୀର ପୋଡ଼ିଯାଇଥିବାରୁ ସେମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡୁଛି ବୋଲି ସ୍ଥାନୀୟ ପ୍ରଶାସନ କହିଛି ।

# ପାକିସ୍ତାନ-ରେନ୍

ପାକିସ୍ତାନର କରାଚିରେ ଅବିଶ୍ରାନ୍ତ ମୌସୁମୀ ବର୍ଷା ଜନିତ ବନ୍ୟା ଯୋଗୁଁ ୧୧ ଜଣଙ୍କର ମୃତ୍ୟୁ ହେବା ସହ ପ୍ରାୟ ୧୦ ଜଣ ଆହତ ହୋଇଛନ୍ତି । ବନ୍ୟାରେ ସଡ଼କ ଏବଂ ଅନ୍ୟାନ୍ୟ ସୌଧଗୁଡ଼ିକ ଭୁଶୁଡ଼ି ପଡ଼ିଥିବାର ଜଣାଯାଇଛି । ସେହିଭଳି ଇଲେକ୍ଟ୍ରିକ୍ ତାର ଛିଡ଼ି ପଡ଼ିବା ଯୋଗୁଁ ବିଦ୍ୟୁତ୍ ଆଘାତରେ ମଧ୍ୟ ଅନେକଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି । ପାକିସ୍ତାନର ଜାତୀୟ ବିପର୍ଯ୍ୟୟ ପ୍ରସମନ କର୍ତ୍ତୃପକ୍ଷ କହିଛନ୍ତି ଯେ ଆସନ୍ତା ଶନିବାର ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଏଥିଲାଗି ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି ।